# ସେତୁ ନିକଟରେ ବାଲି ଖାଦାନ ନିଷେଧକୁ ଅଣଦେଖା

- ବିପଦରେ ଜାବରା-ଜେନାପୁର ବ୍ରାହ୍ମଣୀ ସେତୁ
- ଖରସ୍ରୋତା ଜୋକଡ଼ିଆ ବ୍ରିଜ୍ ଉପରେ ବାଲି ଆସ୍ତରଣ

ଯାଜପୁର/ବ୍ୟାସନଗର
(ହର୍ଷବର୍ଦ୍ଧନ ବେହେରା/
ପବିତ୍ର ରଞ୍ଜନ ମହାନ୍ତି),୧୧।୪


ଖରସ୍ରୋତା ଯୋକଡ଼ିଆ ବ୍ରିଜ୍ ଉପରେ ବାଲି ଆସ୍ତରଣ ଜମିଛି।

ସେତୁ ସ୍ଥାନ ନିକଟତର ଉଭୟ ଉପର ଏବଂ ତଳ ପାର୍ଶ୍ୱରେ ବାଲି ଖନନକୁ ନିଷେଧ କରାଯାଇଛି। କାରଣ ଏହାଦ୍ୱାରା ସେତୁ ଭୁଶୁଡ଼ି ପଡ଼ିବା ଆଶଙ୍କା ରହୁଛି। ସେତୁ ପାଇଁ ରାଫ୍ଟ ଫାଉଣ୍ଡେଶନର ଡିଜାଇନ ଏବଂ ନିର୍ମାଣ ନିର୍ଦ୍ଦେଶାବଳୀ ଅନୁସାରେ ନଦୀର ଉପରମୁଣ୍ଡରେ ୨୦୦ ମିଟର ଏବଂ ତଳମୁଣ୍ଡ ପାର୍ଶ୍ୱରେ ୫୦୦ ମିଟର ଦୂରତାରେ ବାଲି ଖନନ କରାଯିବା ଉଚିତ ନୁହେଁ। ଏହିକ୍ରମରେ ଉକ୍ତ ଅଞ୍ଚଳକୁ ବାଲି ଖନନ ନିଷିଦ୍ଧ ଘୋଷଣା କରାଯିବାକୁ ୧୧।୧୧।୨୦୨୫ରେ ଲଘୁ ଖଣି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାକୁ ଭିତ୍ତିକରି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସର୍ବେଶ୍ୱର ସିଂ ୬।୧।୨୦୨୬ରେ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ଏହି ନିର୍ଦ୍ଦେଶ ଯାଜପୁର ଜିଲାରେ ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଅଧିକାଂଶ ନଦୀନାଳ ବ୍ରିଜ୍ ନିକଟରେ ବାଲି ଉତ୍ତୋଳନ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବ୍ରାହ୍ମଣୀ ନଦୀର ଜାବରା-ଜେନାପୁରକୁ ସଂଯୋଗ କରୁଥିବା ବ୍ରିଜ ଠାରୁ ମାତ୍ର ୧୦୦ ମିଟର ଦୂରତା ମଧ୍ୟରେ ବଡ଼ ବଡ଼ ମେଶିନ ଲଗାଯାଇ ବାଲି ଉତ୍ତୋଳନ ହେଉଛି। ଏହାସହ ଏଠାରୁ ପରିବହନ ସମୟରେ ଖରସ୍ରୋତା ନଦୀର ଜୋକଡିଆ ବ୍ରିଜ୍ ଉପରେ ବାଲି ପଡି ସାଧାରଣ ଲୋକଙ୍କ ପାଇଁ ବିପଦସଙ୍କୁଳ ହୋଇଛି।

ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ପ୍ରୋସ୍ପେକ୍ଟିଂ ଲାଇସେନ୍ସ-କମ-ମାଇନିଂ ଲିଜ୍ ଧାରକ କୌଣସି ସ୍ଥାନରୁ ଉପରୋକ୍ତ ଦୂରତା ମଧ୍ୟରେ ମାଇନିଂ କାର୍ଯ୍ୟ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଥିଲା। ଏହାସହ ରେଳ ବ୍ରିଜ୍‌ର ୧୦୦ ମିଟର ଦୂରତା ମଧ୍ୟରେ କୌଣସି ବାଲି ଖାଦାନରୁ ଉତ୍ତୋଳନ ହୋଇପାରିବ ନାହିଁ। ସେହିପରି ଜାତୀୟ ରାଜପଥ, ରାଜ୍ୟ ରାଜପଥ କିମ୍ବା କୌଣସି ଜଳଭଣ୍ଡାର କ୍ଷେତ୍ରରେ ଜିଲାପାଳଙ୍କ ଅନୁମତି ବିନା ବାଲି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇପାରିବ ନାହିଁ। ଯେକୌଣସି ଟାଙ୍କି, ନାଳ, ରାସ୍ତା, ସାର୍ବଜନୀନ କୋଠା କିମ୍ବା ବସତିସ୍ଥାନ ଠାରୁ ୫୦ ମିଟର ଦୂରରେ ବାଲି ଉତ୍ତୋଳନକୁ ନିଷେଧ କରାଯିବ। ସେତୁର ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ଏବଂ ସମ୍ଭାବ୍ୟ ଢାଞ୍ଚାଗତ କ୍ଷତିକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। କିନ୍ତୁ କୌଣସି ସରକାରୀ ନିର୍ଦ୍ଦେଶକୁ ଜିଲାରେ ଅଧିକାରୀ କିମ୍ବା ଖାଦାନ ମାଲିକ ମାନୁନାହାନ୍ତି। ଯାଜପୁରର ରସୁଲପୁର ବ୍ଲକ କୁଆଖିଆ ଥାନା ଅନ୍ତର୍ଗତ ଖରସ୍ରୋତା ନଦୀ ଉପରେ ଥିବା ଜୋକଡ଼ିଆ ବ୍ରିଜ୍ ଉପରେ ବ୍ରାହ୍ମଣୀ ନଦୀରୁ ଦୈନିକ ଚୋରା ବାଲି ବୋଝେଇ ବହୁ ଶହ ହାଇୱା ଏବଂ ଟ୍ରାକ୍ଟର ଯାତାୟାତ କରୁଛନ୍ତି। ପରିବହନ ସମୟରେ ପାଲ ଘୋଡ଼ାଯାଉ ନ ଥିବାରୁ ହାଇୱା ଏବଂ ଟ୍ରାକ୍ଟରରୁ ବାଲି ଉଡି ବ୍ରିଜ ଉପରେ ଆସ୍ତରଣ ସୃଷ୍ଟି ହୋଇଛି। ଫଳରେ ଲୋକଙ୍କ ଯାତାୟାତରେ ବାଧକ ସାଜୁଛି। ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ ଆରୋହୀମାନେ ଅଧିକ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ଥାନୀୟ ବାସିନ୍ଦା ଏନେଇ ଜିଲାପାଳଙ୍କ ଅଭିଯୋଗ ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବାଲି ମାଫିଆମାନେ ପ୍ରଭାବଶାଳୀ ହୋଇଥିବାରୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସ୍ଥାନୀୟ ବାସିନ୍ଦା ନରହରି ପରିଡ଼ା, ଅନନ୍ତ ମଲିକ, ବାଇଧର ତରାଇ ଓ ସୁବୁଦ୍ଧି ନାୟକ କହିଛନ୍ତି। ଏହାସହ ଜାବରା-ଜେନାପୁର ବ୍ରିଜ୍ ନିକଟରେ ବାଲି ଉତ୍ତୋଳନ ହେଉଥିବାରୁ ଉକ୍ତ ବ୍ରିଜ ଯାଜପୁର ବ୍ଲକ ଅନ୍ତର୍ଗତ ଚଇନିପୁର ପଞ୍ଚାୟତରୁ ପଣସାକୁ ସଂଯୋଗ କରୁଥିବା କୁଶି ସେତୁ ଭଳି ଦବିଯିବା ଆଶଙ୍କା ରହିଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ରିଜ ନିକଟରେ ହେଉଥିବା ବେଆଇନ ବାଲି ଖାଦାନ ଉପରେ ତୁରନ୍ତ ଚଢାଉ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ।

# ଜଗନ୍ନାଥ ମନ୍ଦିର ଖଣ୍ଡୋଲାଇଟ୍ ପଥରରେ ଘର ନିର୍ମାଣ ହୋଇନି: ବବିଙ୍କ ଦାଦା

## ଯାଜପୁର ଥାନାରେ ପାଲଟା ଅଭିଯୋଗ

ଯାଜପୁର ଟାଉନ,୧୧।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)


ପ୍ରଣବ ପ୍ରକାଶ ଦାସଙ୍କ ଘର।

ଯାଜପୁର ବାହାବଳପୁରରେ ନିର୍ମାଣ ହୋଇଥିବା ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଘର ଏବେ ଚର୍ଚ୍ଚାରେ। ଉକ୍ତ ଘରେ କୁଆଡ଼େ ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଖଣ୍ଡୋଲାଇଟ୍ ପଥର ବ୍ୟବହାର ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଛି। ଏନେଇ ବବିଙ୍କ ବିରୋଧରେ ଗତ ୮ ତାରିଖରେ ପୁରୀ ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ବବିଙ୍କ ଦାଦା ତଥା ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଯଯାତି କେଶରୀ ଦାସ ଶନିବାର ଖବରଦାତା ସମ୍ମିଳନୀ କରି ଖଣ୍ଡନ କରିଛନ୍ତି। ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପଥରରେ ବାହାବଳପୁରସ୍ଥିତ ଘର ନିର୍ମାଣ ହୋଇନାହିଁ। ବରଂ ବ୍ୟବହାର ହୋଇଥିବା ପଥର ରାଜସ୍ଥାନ ଯୋଧପୁରର ପ୍ରତିଷ୍ଠିତ ବିଶ୍ୱକର୍ମା ପଥର କମ୍ପାନୀରୁ ଅଣାଯାଇଛି ବୋଲି ଯଯାତି କହିଛନ୍ତି। ଏନେଇ ସେ ୱେବିଲ୍ ଏବଂ ଖରିଦ୍ ବିଲ୍ ମଧ୍ୟ ଦେଖାଇଥିଲେ। କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କେତେଜଣ ବ୍ୟକ୍ତି ବବିଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି। ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯଯାତି ଚେତାବନୀ ଦେଇଥିଲେ।

ସେହିପରି ଶନିବାର ସନ୍ଧ୍ୟାରେ ଯାଜପୁର ସିଭିଲ ସୋସାଇଟି ପକ୍ଷରୁ ଯାଜପୁର ଥାନାରେ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନାମରେ ପାଲଟା ଏତଲା ଦିଆଯାଇଛି। ଏହି ଏତଲାରେ ପଟ୍ଟନାୟକ ଜଗନ୍ନାଥ ନାମକୁ ବ୍ୟବହାର କରି ଯାଜପୁରବାସୀଙ୍କ ଧର୍ମୀୟ ଭାବନାକୁ ଆଘାତ କରିଥିବା ଉଲ୍ଲେଖ କରାଯାଇଛି। ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସିଭିଲ ସୋସାଇଟି ପକ୍ଷରୁ ଆବାହକ ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ରାୟ ଏତଲାରେ ଦାବି କରିଛନ୍ତି। ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ସିଭିଲ୍ ସୋସାଇଟିର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# କ୍ରୀଡ଼ା ପ୍ରତିଯୋଗିତା ମନୋବୃତ୍ତି ସୃଷ୍ଟିରେ ସାହାଯ୍ୟ କରିଥାଏ

ବଡ଼ଚଣା,୧୧।୪(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ୍ ଧାନମଣ୍ଡଳସ୍ଥିତ ହୋଲି ଜେଶସ ପବ୍ଲିକ ସ୍କୁଲ ପରିସରରେ ଶନିବାର ଗ୍ରୀଷ୍ମକାଳୀନ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ୍ ଅଧ୍ୟକ୍ଷା କାମିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ପୁରାତନ ଛାତ୍ର ତଥା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁରଞ୍ଜନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହିତ କ୍ରୀଡ଼ା ଶିକ୍ଷାର ଏକ ଅଂଶ। କ୍ରୀଡ଼ା ପିଲାଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ କରିବା ସହିତ ପ୍ରତିଯୋଗିତା ମନୋବୃତ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ। ଅଧ୍ୟକ୍ଷା ନାୟକ କହିଥିଲେ, ନିଜର ପ୍ରତିଭା ପରିପ୍ରକାଶ କରିବାରେ ଏହିଉତ୍ସବ ସାହାଯ୍ୟ କରିବ। ଉଦ୍‌ଘାଟନୀ ଦିବସରେ ଝୁମ୍ପା ନୃତ୍ୟ, ହସ୍ତ କଳା ଚିତ୍ର, ପେଣ୍ଟୁ ନୃତ୍ୟ, ରିଙ୍ଗ ନୃତ୍ୟ, ଥ୍ରେଡ ପ୍ରିଂଟ, ବଟଲ ପ୍ରିଣ୍ଟିଂ ସହ ଯାଦୁ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳ ତିନିଦିନ ଧରି ଚାଲିବ ବୋଲି ସୂଚନା ଦିଆଯାଇଥିଲା। ଚନ୍ଦନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ା ସଂଯୋଜକ ଦେବାଶିଷ ନାୟକ, ବୈଷୟିକ ସହଯୋଗୀ ଚିରଞ୍ଜୀବ ଜେନା, ଶିକ୍ଷକ ସଞ୍ଜୟ ରାଉତ, ଲକ୍ଷ୍ମୀଧର ମଲ୍ଲିକ, ଶିକ୍ଷୟିତ୍ରୀ ମୌସୁମୀ ଦାସ, ସୁଭାଷିନୀ ମଲ୍ଲିକ କିରଣ ଯାଦବ, ଶୁଭଲକ୍ଷ୍ମୀ ସାହୁ, ଶୀତଲ ପାଟୋଡ଼ିଆ, ପ୍ରିୟଙ୍କା ମଲ୍ଲ, ଶୁଭଶ୍ରୀ ବେହେରା, ଜ୍ୟୋତିକା ଶର୍ମା ଓ ସାଗାରିକା ଶର୍ମା ପ୍ରମୁଖ ସହଯୋଗ କରିଥିଲେ।


ହୋଲି ଜେଶସ ପବ୍ଲିକ ସ୍କୁଲ ଗ୍ରୀଷ୍ମକାଳୀନ କ୍ରୀଡ଼ା ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆୟୁଷ


@ କାର୍ତ୍ତିକ


@ ଈପ୍ସିତା


@ ସୁନନ୍ଦା


@ ଆଦର୍ଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୫ରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଗଣସମାବେଶ

ବଡ଼ଚଣା,୧୧।୪
(ଦିଲୀପ କୁମାର ମହାନ୍ତି):

ଆସନ୍ତା ୧୫ ତାରିଖରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଏକ ବିଶାଳ ଗଣସମାବେଶ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାର ୭ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପର୍ଯ୍ୟବେକ୍ଷକ ଭାବେ ନିକୁଞ୍ଜ ପଶାୟତ ଯୋଗଦେଇ ପାର୍ଟି ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ବିଶାଳ ଗଣସମାବେଶକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସଞ୍ଜୟ ରାୟ, ପ୍ରଦୀପ ଧଳ, ଦିଲୀପ ରାଉତ, ସୁରେଶ ଚନ୍ଦ୍ର ସାହାଣୀ, ବିଜୟ ଦାସ, ସେକ୍ ଅମିରୁଲ ଖାଁ, ଗୋବିନ୍ଦ ସାମଲ, ସେକ୍ ବଦ୍ରି ଉଦ୍ଦିନ, ସଂଗ୍ରାମ ରାୟ, ମନୋରଞ୍ଜନ ନାୟକ, ପ୍ରଶାନ୍ତ ସାହୁ, ରଞ୍ଜିତା ରାଉତ ଓ ନରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେମକୁ ନେଇ ଗଣ୍ଡଗୋଳରେ ଆହତ ଯୁବକଙ୍କ ମୃତ୍ୟୁ

ଧର୍ମଶାଳା,୧୧।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଦେଓଦା ପଞ୍ଚାୟତ ଦଳିତ ସାହିରେ ପ୍ରେମ ବ୍ୟାପାରକୁ ନେଇ ୨ ଯୁବକଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ପ୍ରଶାନ୍ତ ନାୟକ(୨୩)। ସେ କଟକଠାରେ ଚିକିତ୍ସାଧୀନ ଥିଲେ। ଜଣେ ଯୁବତୀଙ୍କୁ ଦୁଇ ଯୁବକ ପ୍ରେମ କରୁଥିଲେ। ଫଳରେ ଦୁଇ ଜଣଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ଘଟିଥିଲା। ପୂର୍ବରୁ ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରିଥିଲା। ପୋଲିସ ଏହି ଘଟଣାରେ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।


ବିଞ୍ଝାରପୁର ବ୍ଲକ ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜରି, ଛନ୍ଦାମୁଣ୍ଡ ଓ ବାଙ୍ଗରା 'ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ' ଆହ୍ୱାନରେ ଚାଲିଥିବା ଗଣଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଦାବିପୂରଣ ନ ହେଲେ ଆସନ୍ତା ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। (ଫଟୋ: ଅନଙ୍ଗ ଉଦୟ ବେଉରିଆ, ସିଂହପୁର)।

# ଗୋପବନ୍ଧୁଙ୍କ ସେବା, ସାହିତ୍ୟ କୃତି ଉପରେ ଆଲୋଚନା

## ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ 'ଓଡ଼ିଆ ପକ୍ଷ'

ବ୍ୟାସନଗର,୧୧।୪
(ପବିତ୍ର ରଞ୍ଜନ ମହାନ୍ତି):


'ଓଡ଼ିଆ ପକ୍ଷ' ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗ ଆନୁକୂଲ୍ୟରେ ଶନିବାର 'ଓଡ଼ିଆ ପକ୍ଷ' ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ 'ସେବାରପ୍ରତୀକ ଗୋପବନ୍ଧୁ'ଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଲଳିତା ସାହୁ, ମୁଖ୍ୟବକ୍ତାଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଶିବଚରଣ ମାଝି ଯୋଗଦେଇ ଦୀନ, ଦୁଃଖି ତଥା ଦରିଦ୍ରର ବନ୍ଧୁ ଗୋପବନ୍ଧୁଙ୍କ ସେବା, ତ୍ୟାଗ ଓ ସାହିତ୍ୟକୃତି ଉପରେ ବିଶଦ୍‌ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ମଳୟ ମଲ୍ଲିକ, ଇଂଲିଶ ବିଭାଗ ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପିକା ଝୁନୁମଣି ଜେନା ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନବ୍ୟାପୀ ସେବା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ସୁବର୍ଣ୍ଣା ସାହୁ ଓ ଅଭାଜ୍ୟୋତି ମଲିକ ସ୍ୱାଗତ ସଂଗୀତ ଗାନ କରିଥିଲେ। ତୁଳସୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୋନାଲି ରଣା, ହରପ୍ରିୟା ଦଳେଇ, ସ୍ମୃତି ସାରିକା ଜେନା, ଝିଲ୍ଲିମୟୀ ବିଶ୍ୱାଳ, ପାର୍ବତୀ ତାପେ, ଲଳିତା ମୁର୍ମୁ, ତୁଳସୀ ସାମଲ, ମୃଣ୍ମୟୀ ତରାଇ, ଶୁଭଲକ୍ଷ୍ମୀ ପାତ୍ର, ମାନିନୀ ବେହେରା, ମଧୁସ୍ମିତା ପଣ୍ଡା ପ୍ରମୁଖ ଛାତ୍ରୀ 'ସେବାର ପ୍ରତୀକ ଗୋପବନ୍ଧୁ'ଙ୍କ ଉପରେ ଲେଖିଥିବା ସନ୍ଦର୍ଭ ପାଠ କରିଥିଲେ। ଏହିଅବସରରେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକଙ୍କ ପୁସ୍ତକ ଛାତ୍ରୀ ସମୂହ କ୍ରୟ କରିଥିଲେ। ଲିପିକା ରଣା, ମୋନାଲିସା ମଲିକ, ପ୍ରଭାସିନୀ ପତି, ସାଗରିକା ଜେନା, ଲିଜା ବିଶ୍ୱାଳ, ମମତା ମଲ୍ଲିକ, ମୋନାଲିସ ତରେଇ, ବାସନ୍ତୀ ମଣ୍ଡଳ, ଭୂମିକାରାଣୀ ଦାସ, ଲିଜାରାଣୀ ସାହୁ, ନିବେଦିତା ସାଇଁ, ବର୍ଷାରାଣୀ ପଣ୍ଡା ଓ ନିବେଦିତା ସ୍ୱାଇଁ ପ୍ରମୁଖ ୩ ଶ୍ରେଣୀର ଛାତ୍ରୀ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ସ୍ମୃତିସାରିକା ଜେନା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ପରିଷଦ ସାଧାରଣ ବୈଠକରେ ଅସନ୍ତୋଷର ସ୍ୱର

ଜଗତ୍‌ସିଂହପୁର, ୧୧।୪ (ପ୍ରମୋଦ କୁମାର ନାୟକ)



ଜିଲା ପରିଷଦ ବୈଠରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

■ ଯୋଗଦେଲେନି ଜିଲାର ୪ରୁ ୩ ବିଧାୟକ

■ ୩ ଘଣ୍ଟା ପରେ ବୈଠକ, ଲୋକ ପ୍ରତିନିଧିଙ୍କୁ ଗୌଣ ଦର୍ଶାଇ ଅସନ୍ତୋଷ

ଜଗତ୍‌ସିଂହପୁର ଜିଲା ପରିଷଦର ସପ୍ତମ ସାଧାରଣ ବୈଠକକୁ ନେଇ ନାନା କଥା ଆଲୋଚନା ଚାଲିଛି। ଜିଲା ପରିଷଦ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକ ସକାଳ ୯ଟା ୩୦ ପରିବର୍ତ୍ତେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଆରମ୍ଭ ହେବା ଏବଂ ଲୋକ ପ୍ରତିନିଧିଙ୍କୁ ବିଭିନ୍ନ କ୍ଷେତ୍ରରେ ଗୌଣ କରାଯିବା ପ୍ରସଙ୍ଗକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କେବଳ ଏତିକି ନୁହେଁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିବାବେଳେ ଜିଲାର ୪ରୁ ୩ ଜଣ ବିଧାୟକ ଅନୁପସ୍ଥିତ ଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ ସତେଯେପରି ଔପଚାରିକତା ପୂରଣ ପାଇଁ ବୈଠକଟି କରାଯାଇଥିବା ଅଭିଯୋଗ ହୋଇଛି। ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଯୋଜନାଗୁଡ଼ିକର ବାସ୍ତବ ରୂପାୟନ ଓ ଅନେକ କ୍ଷେତ୍ରରେ ଶେଷ ନ ହେବା ନେଇ ଅଙ୍ଗୁଳି ଉଠିଥିଲା। ସମ୍ପ୍ରତି ଅର୍ଥର ଅଭାବ ନ ଥିବାବେଳେ ପରିଚାଳନାଗତ ଅଭାବ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ କରିପାରୁନାହିଁ। ତେଣୁ ପ୍ରଶାସନ ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା। ଏ ଜିଲାରେ ପ୍ରଚୁର ପରିମାଣରେ ଧାନ ଅମଳ ହେଉଛି। ଚାଷୀ କୃଷି ବିଭାଗ ସହଯୋଗ ବିନା ନିଜସ୍ୱ ଉଦ୍ୟମରେ ଚାଷ କରି ସଫଳ ହେଉଥିବାବେଳେ ସରକାର ଏହାକୁ କିଣିବାରେ ଅସମର୍ଥ ହେଉଛନ୍ତି। କେବଳ ଏତିକି ନୁହେଁ, କୃଷି ବିଭାଗ ଆନ୍ତରିକତା ଅଭାବରୁ ବିଶେଷକରି ଜିଲାରେ ତୈଳବୀଜ ଓ ଅନ୍ୟ ଚାଷ ପ୍ରଭାବିତ ହେଉଛି। ଜିଲାରେ ଗମନାଗମନ ସମସ୍ୟା ଜଟିଳ। ଏଥିସହ ଅନ୍ୟାନ୍ୟ ସମସ୍ୟାର ଆଶାଜନକ ସମାଧାନ ହେଉ ନ ଥିବା ନେଇ କେତେଜଣ ଜିଲା ପରିଷଦ ସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ସାର, ଖତ ଆଦି କ୍ରୟ ବିକ୍ରୟରେ ଜନପ୍ରତିନିଧି, ଚାଷୀ ଓ କୃଷି ବିଭାଗ ମିଶି କାମ କରିବାକୁ ପରାମର୍ଶ ଦିଆଯାଇଥିଲା। ଜିଲାରେ ମୃତ୍ତିକା ସର୍ବେକ୍ଷଣ ମାଧ୍ୟମରେ କେଉଁଠାରେ କେଉଁ ଚାଷ କଲେ ଭଲ ହେବ ତା' ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ଧରତି ମାତା ବଞ୍ଚାଓ ଅଭିଯାନରେ ଜୈବିକ ପଦ୍ଧତିରେ ଚାଷ, ପିଏମ୍ କିଷାନ, ସିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ଡିଜିଟାଲ କ୍ରପ୍ ସର୍ଭେ ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି, ଏବେ ଖରାଦିନ ହୋଇଥିବାରୁ ଅକାମୀ ହୋଇଯାଇଥିବା ଉଠା ଜଳସେଚନ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଏମ୍‌ପି ବିଭୁ ପ୍ରସାଦ ତରାଇ ମୁଖ୍ୟଅତିଥି ଓ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ସମସ୍ୟାକୁ ଠିକ ଭାବେ ପ୍ରଶାସନ ନିକଟରେ ପହଞ୍ଚାଇବା ସହ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ କଳର ସମନ୍ୱୟରେ ଜିଲାର ଅଗ୍ରଗତି ହୋଇପାରିବ ବୋଲି କହିଥିଲେ। ବୈଠକରେ ଜିଲାପାଳ ଜେ. ସୋନାଲଙ୍କ ସମେତ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଡିଓ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ପରିଷଦ ଉପ ସଭାପତି ସୁଜାତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଦେହ ବ୍ୟବସାୟ ସନ୍ଦେହରେ ଚଢ଼ାଉ

### ଅଭିଯୁକ୍ତ କୋର୍ଟ ଚାଲାଣ: ମହିଳା ଉଦ୍ଧାର

ପାରାଦୀପ, ୧୧।୪(ଶରତ ରାଉତ)

ଦେହ ବ୍ୟବସାୟ ଚାଲିଥିବା ସନ୍ଦେହରେ ପାରାଦୀପ ଲକ୍‌ଥାନା ପୋଲିସ ଶୁକ୍ରବାର ରାତିରେ ଏହି ଥାନା ଅଞ୍ଚଳର ଚକ୍ରଧରପୁରଠାରେ ଏକ ଘର ଉପରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରଦୀପ କୁମାର ତରାଇ (୫୭)। ଉକ୍ତ ଅଞ୍ଚଳର ଏକ ଆଜବେଷ୍ଟସ୍ ଘରେ ଦେହ ବ୍ୟବସାୟ ଚାଲୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରି ଜଣେ ମହିଳାଙ୍କୁ ଉଦ୍ଧାର କରିଛି। ଏ ନେଇ ଥାନାରେ ମାମଲା (ନଂ.୧୧୬/୨୬) ରୁଜୁ କରାଯାଇଛି। ସେଠାରୁ ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି।

## ଆନ୍ତଃ କ୍ଲବ, ଆନ୍ତଃ ଜିଲା କବାଡ଼ି, ଭଲିବଲ, ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଜଗତ୍‌ସିଂହପୁର, ୧୧।୪ (ପ୍ରମୋଦ କୁମାର ନାୟକ)

ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା କବାଡି, ଭଲିବଲ, ଖୋଖୋ ପ୍ରତିଯୋଗିତା ୨୦୨୬, କ୍ରୀଡ଼ା ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଜଗତ୍‌ସିଂହପୁର ସୌଜନ୍ୟରୁ ଉଦ୍‌ଘାଟିତ ହୋଇଯାଇଛି। ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ମୁଖ୍ୟ ଅତିଥି ବାଲିକୁଦା –ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଜିଲା କ୍ରୀଡା ସଂସଦ ସଭ୍ୟ ସାଧୁ ଚରଣ ମହାନ୍ତି ଏବଂ ପ୍ରସନ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ମାର୍ଗଦର୍ଶନ କରିଥିଲ। ଅଲଣାହାଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଜିଲା କ୍ରୀଡା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଜିଲାର କ୍ରୀଡ଼ା ଶିକ୍ଷକମାନେ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଜିଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସିଏମ୍ ଟ୍ରଫି ପ୍ରତିଯୋଗିତା ଏପ୍ରିଲ ୧୦ରୁ ଆରମ୍ଭ ହୋଇ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ପ୍ରାୟତଃ ୪୦୦ ପ୍ରତିଯୋଗୀ ଯୋଗଦେଇଥିଲେ।

## ୧୩ରୁ ସକାଳୁଆ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତ୍‌ସିଂହପୁର, ୧୧।୪ (ପ୍ରମୋଦ କୁମାର ନାୟକ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲ ୧୦ରୁ ଜିଲାରେ ସରକାରୀ କାର୍ଯ୍ୟାଳୟଗୁଡିକରେ ସକାଳୁଆ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସମୟରେ ପରିବର୍ତ୍ତନ କରାଯାଇଛି। ଏପ୍ରିଲ ୧୩ରୁ ଜୁନ ୮ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ ଓ ଜିଲା କାର୍ଯ୍ୟାଳୟରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଶୁଣାଣି ଅନୁଷ୍ଠିତ ହେବ। ୧୩ରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ଶିବିର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଗଞ୍ଜେଇ ଜବତ: ଜଣେ ଗିରଫ

ପାରାଦୀପ, ୧୨।୪(ଶରତ ରାଉତ)

ଗଞ୍ଜେଇ ବିକ୍ରି ଅଭିଯୋଗରେ ପାରାଦୀପ ଆଦର୍ଶଥାନା ପୋଲିସ ବଡପଡ଼ିଆ ସିନେମା ହଲ ଛକରୁ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜ୍ୟୋତି ମହାପାତ୍ର। ତାଙ୍କ ନିକଟରୁ ୧ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୮୬/୨୬) ରୁଜୁ ହୋଇଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆୟୁଷ



@ କାର୍ତ୍ତିକ



@ ଇପସିତା



@ ସୁନନ୍ଦା



@ ଆଦର୍ଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଖିଳ ଭାରତ କୃଷକ ସଭାର ପ୍ରତିଷ୍ଠା ଦିବସରେ ପଥପ୍ରାନ୍ତ ସଭା

ଏରସମା, ୧୧।୪(ଦୀପ୍ତି ଖଣ୍ଡୁଆଳ)



ଅଖିଳ ଭାରତ କୃଷକ ସଭାର ୯୦ ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। କୃଷକମାନେ ଏରସମା ମୁଖ୍ୟାଳୟସ୍ଥିତ ସିପିଆଇ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି ଏରସମା ବଜାର ପରିକ୍ରମା କରିବା ପରେ ଗାନ୍ଧୀ ଛକରେ ଆସି ପହଞ୍ଚିଥିଲେ। ସେଠାରେ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଅନୁଷ୍ଠାନର ରାଜ୍ୟ ସଭାପତି ଶଶୀ ଭୂଷଣ ସ୍ୱାଇଁ ଉପସ୍ଥିତ ହୋଇ ସରକାରଙ୍କ ଚାଷୀଙ୍କ ସ୍ୱାର୍ଥବିରୋଧୀ ନୀତି ପ୍ରତ୍ୟାହାର କରିବା ସହ ସମସ୍ତ ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରିବା ପାଇଁ ଦାବି କରିଥିଲେ। ଏହି ପଥପ୍ରାନ୍ତ ସଭାରେ କୃଷକ ନେତା ରାମଚନ୍ଦ୍ର ମୁଦୁଲି, କୃଷକ ସଭା ବ୍ଲକ ସଭାପତି ଦାମୋଦର ବେହେରା, ଅମରେନ୍ଦ୍ର ଦାସ, ରବୀନ୍ଦ୍ର ପାଇଟାଳ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ କୃଷକଙ୍କ ସମସ୍ୟା ଓ ତା'ର ସମାଧାନ ଉପରେ ବକ୍ତବ୍ୟ ଦେଇଥିଲେ।

## ଜିଲାସ୍ତରୀୟ ଶକ୍ତି ରୂପେଣ ସଂସ୍ଥିତା କାର୍ଯ୍ୟକ୍ରମ

ନାଉଗାଁ, ୧୧।୪(ସୁଧା ବେହୁରା)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଥିବା ହରିହରାନନ୍ଦ ମାତୃ ଆଶ୍ରମ ପରିସରରେ ଜ୍ଞାନପ୍ରଭା ମିଶନ ଦ୍ୱାରା ଜିଲାସ୍ତରୀୟ ଶକ୍ତିରୂପେଣ ସଂସ୍ଥିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ପ୍ରତ୍ୟେକ ବ୍ଲକରୁ ୬୦୦ରୁ ଊର୍ଦ୍ଧ୍ୱ ସ୍କୁଲ କଲେଜରେ ପାଠ ପଢୁଥିବା ଝିଅମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜ୍ଞାନପ୍ରଭା ମିଶନର ଉପାଧ୍ୟକ୍ଷା ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ଗିରି, ସମ୍ପାଦିକା ସ୍ୱାମୀ ଶାରଦାନନ୍ଦ ଗିରି, ସନ୍ନ୍ୟାସିନୀ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି ଏବଂ ଅନୁସନ୍ଧାନ ଲୋକାୟତ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶିକା ବିଜୟଲକ୍ଷ୍ମୀ ଜେନା ଯୋଗ ଦେଇ ଭାରତୀୟ ସଂସ୍କୃତିରେ ଲୁପ୍ତ ହୋଇଯାଉଥିବା ବୈଦିକ ସଂସ୍କୃତି, ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। ନିଜ ଭିତରେ ଥିବା ଦୈବୀଶକ୍ତିକୁ ଜାଗ୍ରତ କରି ନାରୀମାନେ ଜୀବନରେ ଆସୁଥିବା ବିଭିନ୍ନ ସମସ୍ୟାର କିପରି ସମାଧାନ କରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରାହ୍ନ କାର୍ଯ୍ୟକ୍ରମରେ ଜିଲା ବିଚାର ବିଭାଗୀୟ ମୁଖ୍ୟା ନୀଳିମା ପଣ୍ଡା, ଅତିରିକ୍ତ ଶାସନ ସଚିବ ପଞ୍ଚାୟତିରାଜ ବିଭାଗର ଗୀତାଞ୍ଜଳି ନାୟକ, ମିଶନ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଝିଅମାନଙ୍କୁ ସ୍ୱଚରିତ୍ର ଗଠନ ପାଇଁ ଆଲୋକପାତ କରିଥିଲେ। ସନ୍ନ୍ୟାସିନୀ ସୁମେଧାନନ୍ଦ ଗିରି ସଭା ପରିଚାଳନା କରିଥିବା ବେଳେ ନାଉଗାଁ ହରିହରାନନ୍ଦ ମାତୃଆଶ୍ରମର ସମସ୍ତ ଗୁରୁଭାଇ ଏବଂ ମା'ମାନେ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ।

## ବିଧାୟକଙ୍କ ନିଲମ୍ବନ ପରେ ପାଟକୁରାରେ ରାଜନୈତିକ ଉଷ୍ମତା ଥମୁନି

■ ଆଜି ମେଳି ହେବେ ୧୮ ପଞ୍ଚାୟତ କର୍ମୀ

■ ସମୂହ ଇସ୍ତଫା ପାଇଁ ହେବ ନିଷ୍ପତ୍ତି

ପାଟକୁରା/ଡେରାବିଶ, ୧୧।୪(ରବୀନ୍ଦ୍ର ନାଥ ବାରିକ/ବେବର୍ତ୍ତା ଅଜୟ ଦାସ)– ରାଜ୍ୟରେ ରାଜନୈତିକ ଗୁରୁତ୍ୱ ବହନ କରୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡ଼ି ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଜାନୁୟାରୀ ୧୫ରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଲମ୍ବନ କରିବା ପରେ ଦଳୀୟ କର୍ମୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରତିବାଦରେ ପାଟକୁରାରୁ ଭୁବନେଶ୍ୱର ଶଙ୍ଖଭବନ ଯାଏ ଶତାଧିକ ଦଳୀୟ କର୍ମୀ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ବିଧାୟକଙ୍କ ସମର୍ଥନରେ ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆପତି ଜଣାଇଥିଲେ । ଇତିମଧ୍ୟରେ ୩ ମାସ ବିତି ଯାଇଥିଲେ ମଧ୍ୟ ଦଳ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ନେତୃତ୍ୱରେ ରବିବାର ବ୍ଲକ ଅଧିନସ୍ଥ କଳାବୁଦାଠାରେ ଏହି ବ୍ଲକର ୧୮ ପଞ୍ଚାୟତର ଦଳୀୟ କର୍ମୀ ଓ ବହୁ ଜନପ୍ରତିନିଧି ମେଳି ହେବା ସହ ସମୂହ ଭାବେ ଦଳରୁ ଇସ୍ତଫା ଦେବା ପାଇଁ ନିଷ୍ପତି ନେବାକୁ ମହାରାଜ ସୂଚନା ଦେଇଛନ୍ତି । ଏହାକୁ ନେଇ ରାଜନୈତିକ ମହଲରେ ବେଶ୍ ଉଷ୍ମତା ଦେଖାଦେଇଛି।
ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୫ ତାରିଖରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସୁପ୍ରିମୋ ନବୀନ ବିଧାୟକ ଅରବିନ୍ଦଙ୍କୁ ନିଲମ୍ବନ କରିଥିଲେ । ପରେ ବିଧାୟକଙ୍କ ସମର୍ଥକ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା । ଯାହାକୁ ନେଇ ଦଳୀୟ କର୍ମୀ ମହଲରେ ଅସ୍ଥିରତା ଦେଖାଦେଇଛି। ତେବେ ପାଟକୁରା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଦେଇଥିବା ବେଳେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ୨୬ ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତର ବିଧାୟକଙ୍କ ସମର୍ଥକ କୁହାଯାଉଥିବା ଦଳୀୟ କର୍ମୀ ସଜବାଜ ହେଉଥିବା ଜଣାଯାଇଛି । ନିଜ ପ୍ରତିକ୍ରିୟା ରଖି ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ କହିଛନ୍ତି, ଏହି ସମାବେଶରେ ବହୁ ଜନପ୍ରତିନିଧି ଓ ଦଳୀୟ କର୍ମୀମାନେ ସାମୁହିକ ଭାବେ ଇସ୍ତଫାପତ୍ର ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଯିବ। ପାଟକୁରାର ବିକାଶ ପାଇଁ ବିଧାୟକଙ୍କୁ ଦୃଢ଼ ସମର୍ଥନ କରି ଏହି ଇସ୍ତଫା ପତ୍ର ପ୍ରଦାନ କରାଯାଉଥିବା ଅଭୟ କହିଛନ୍ତି। ଏହି ସମାବେଶ ରାଜନୈତିକସ୍ତରରେ ଗୁରୁତ୍ୱ ବହନ କରୁଥିବା ବହୁ ରାଜନୈତିକ ବିଶେଷଜ୍ଞ ମତ ଦେଇଛନ୍ତି ।

## ଚୋରା ମଦ ଜବତ: ଜଣେ ଗିରଫ

ରଘୁନାଥପୁର, ୧୧।୪
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ ରାଢ଼ଙ୍ଗ ଗ୍ରାମରୁ ପୋଲିସ ୫.୬ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ବିନୋଦ ଜେନା। ଏ ଥାନାରେ ମାମଲା (ନଂ. ୭୪/୨୬) ରୁଜୁ କରାଯାଇ ଅଭିଯୁକ୍ତ ବିନୋଦଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୀର୍ଘଦିନ ଧରି ବିନୋଦ ଲୁଚାଛପାରେ ନିଜ ଗାଁରେ ମଦ ବ୍ୟବସାୟ କରିଆସୁଥିଲେ। ପୋଲିସ ବିନୋଦଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ବିଶେଷ ସୂତ୍ରରୁ ଖବରପାଇ ନୂତନ ଭାବେ ଥାନାରେ ଯୋଗଦେଇଥିବା ଆଇଆଇସି ପ୍ରେମଜିତ ଦାସଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଯୋଗେଶ୍ୱର ବେହେରା ରାଢ଼ଙ୍ଗ ଗ୍ରାମରେ ପହଞ୍ଚି କୌଶଳ କ୍ରମେ ଚୋରା ମଦ ଜବତ କରିବା ସହ ବିନୋଦଙ୍କୁ ଧରିଥିଲେ।

## ଜିଲାପାଳଙ୍କ ତଦାରଖ ପରେ ଘାଟ ବନ୍ଦ ନିର୍ଦ୍ଦେଶ

ମହାକାଳପଡ଼ା, ୧୧।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଫେରି ଘାଟଠାରେ ଜିଲାପାଳ ଓ ଅନ୍ୟ ଅଧିକାରାମାନେ ପରିଦର୍ଶନ କରୁଛନ୍ତି। ।

■ ବାହାକୁଦ ଫେରିଘାଟରେ ସିସିଟିଭି କ୍ୟାମେରା, ଲାଇଫ ଜ୍ୟାକେଟ୍ ନାହିଁ

■ ଡଙ୍ଗା ଇଞ୍ଜିନ ଚାବି ଜବତ କଲା ପ୍ରଶାସନ, ଜାରି ହେଲା ଏସ୍‌ଓପି

■ ସିସିଟିଭି କ୍ୟାମେରା, ଶୌଚାଳୟ, ପୋଲିସ ମୁତୟନ ନେଇ ଅଣ୍ଡରଟେକିଂ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବାହାକୁଦ–ମୂଷଡିଆ ମହାନଦୀ ଫେରିଘାଟରେ ଲାଇଫ ଜ୍ୟାକେଟ, ସିସିଟିଭି ଆଦି ବ୍ୟବାହର ହେଉ ନ ଥିବା ଅଭିଯୋଗ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ରଘୁରାମ ଆର ଆୟର ଶନିବାର ମା' ରାମଚଣ୍ଡୀ ପୀଠରେ ଜମ୍ବୁ ଦ୍ୱୀପ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତ ବୈଠକ ଯୋଗ ଦେବାକୁ ଆସିଥିଲେ। ବୈଠକ ପରେ ଜିଲାପାଳ ବାହାକୁଦ–ମୂଷଡିଆ ମହାନଦୀ ଫେରିଘାଟକୁ ଯାଇ ଦେଖିଥିଲେ। ଏହି ଫେରିଘାଟରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଲାଇଫ ଜ୍ୟାକେଟ୍ ବ୍ୟବାହର ହେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରି ଘାଟବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଡଙ୍ଗା ଇଞ୍ଜିନ ଚାବି ଜବତ କରିଥିଲେ। ଜିଲାପାଳଙ୍କୁ ଦେଖି ଘାଟ ବାହୁଥିବା ନାଉରିଆ ଗଚ୍ଛିତ ଥିବା କେତେକ ଲାଇଫ ଜ୍ୟାକେଟ୍‌କୁ ଡଙ୍ଗାରେ ରଖୁଥିବା ଦେଖିବାକୁ ମିଳିଥିଲା।

ଜିଲାପାଳଙ୍କ ସହିତ ଉପଜିଲାପାଳ ଅରୁଣ କୁମାର ନାୟକ, ବିଡିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ାଙ୍କ ସମେତ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅପର ପକ୍ଷରେ ରାଜ୍ୟ ସରକାରଙ୍କ ୨୦୦୪ ବୋଟ ରୁଲ୍ ଅନୁସାରେ ଫେରିଘାଟ ପରିଚାଳନା ପାଇଁ ଏସ୍‌ଓପି ଗାଇଡ୍ ଲାଇନ ରହିଛି। ନିଲାମ ନେବା ପ୍ରମାଣପତ୍ର, ଘାଟ ଚାଳକ ପଞ୍ଜୀକରଣ, ଘାଟ ପରିବହନ ଧାରଣ କ୍ଷମତା ପ୍ରମାଣପତ୍ର, ଜୀବନ ବୀମା, ଲାଇଫ ଜ୍ୟାକେଟ, ପ୍ରାଥମିକ ଔଷଧ କିଟ୍, ଘାଟ ମାହାସୁଲ ସୂଚନା ଫଳକ ପ୍ରଭୃତି ମୌଳିକ ଆବଶ୍ୟକତା ରହିଛି। ପ୍ରଶାସନ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଫେରିଘାଟଠାରେ ୭ ଦିନ ମଧ୍ୟରେ ଶୌଚାଳୟ ନିର୍ମାଣ, ସିସିଟିଭି କ୍ୟାମେରା ସ୍ଥାପନ, ଯାତ୍ରୀ ଲାଇଫ ଜ୍ୟାକେଟ୍ ପିନ୍ଧିବା ପାଇଁ ବାଧ୍ୟତାମୂଳକ ନ ହେଲେ ଘାଟ ପାର ବାରଣ, ସୁରକ୍ଷା ବ୍ୟବସ୍ଥା ପାଇଁ ଜଣେ ପୋଲିସ ମୁତୟନ କରାଯିବ ବୋଲି ପଞ୍ଚାୟତ ପକ୍ଷରୁ ଲିଖିତ ପତ୍ର ମିଳିବା ପରେ ଇଞ୍ଜିନ ଚାବି ପ୍ରଦାନ କରାଯାଇଛି। ଏହାର ଏକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ବୋଲି ବିଡିଓ ରବି ନାରାୟଣ ଆଚାର୍ଯ୍ୟ କହିଛନ୍ତି ।

ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର ଆୟରଙ୍କ ମତାମତ ନେବାରେ ଉକ୍ତ ଫେରି ଘାଟଠାରେ ଲାଇଫ ଜ୍ୟାକେଟ ବ୍ୟବାହର ହେଉ ନ ଥିବା ବେଳେ ଅନ୍ୟାନ୍ୟ ଆନୁଷଙ୍ଗିକ ମୌଳିକ ଆବଶ୍ୟକତା ପାଇଁ କୁହାଯାଇଛି ବୋଲି କହିଛନ୍ତି।

# ପ୍ରସିଦ୍ଧି ସତ୍ତ୍ୱେ ଛେନାପୋଡ଼ର ରହୁନି ଗୁଣବତ୍ତା

- ଆଦର ବଢ଼ାଇଛି, ସମାଲୋଚନା ବି ହେଉଛି
- ଛେନା ବ୍ୟବସାୟ ବଢ଼ୁଥିବାବେଳେ ହ୍ରାସ ପାଉଛି ଗୋ ସମ୍ପଦ
- ରାଜ୍ୟ ବାହାରକୁ ଯିବା ପରେ କୁଟୀରଶିଳ୍ପରେ ପରିଣତ ହେଲାଣି ବ୍ୟବସାୟ

ନୟାଗଡ଼, ୧୧।୪ (ଲୋକନାଥ ମିଶ୍ର)

ନୟାଗଡ଼ ଛେନାପୋଡର ପ୍ରସିଦ୍ଧି ସତ୍ତ୍ୱେ ଗୁଣବତ୍ତା ଓ ସ୍ୱାଦିଷ୍ଟ ରହୁନି ବୋଲି ଅଭିଯୋଗ ହୋଇ ଆସୁଛି। ଛେନାପୋଡର ଗୁଣବତ୍ତା ନ ଥିବାରୁ ଧିରେ ଧିରେ ମାନ କମିବାରେ ଲାଗିବାରୁ ରାଜ୍ୟ, ଦେଶବିଦେଶରେ ସମାଲୋଚନା ଶୁଣିବାକୁ ପଡୁଛି। ଛେନାପୋଡ ନୟାଗଡ଼ ବ୍ଲକ ମାଛିପଡା ୧୨୦ରୁ ଉର୍ଦ୍ଧ୍ୱ ପରିବାର ତିଆରି କରୁଥିବାରୁ ମାଛିପଡା ଛେନାପୋଡର ପେଣ୍ଠସ୍ଥଳ ହୋଇ ସାରିଲାଣି। ସେହିପରି ଓଡଗାଁ ବ୍ଲକ ସୋଲପଟାରେ ୭୯, ଦରପଦାର ୩୦, ନୟାଗଡ଼ ସହରରେ ୧୫, ନବଘନପୁରରେ ୫ରୁ ଉର୍ଦ୍ଧ୍ୱ ପରିବାର, ଭାପୁର ବ୍ଲକ ଫତେଗଡ ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ପରିବାର ଛେନାପୋଡ ପ୍ରସ୍ତୁତ କରୁଛନ୍ତି। ଛେନାପୋଡ ପାଇଁ ସ୍ୱତନ୍ତ୍ର ଭାବେ ଭାଟି କରି କେତେକ କାରିଗର ସହଯୋଗୀଙ୍କୁ ନିଯୁକ୍ତି ଦେଇ ପ୍ରତ୍ୟହ ଛେନାପୋଡ ପ୍ରସ୍ତୁତି କରିବାରେ ଲାଗି ପଡିଛନ୍ତି। ପ୍ରତ୍ୟହ ଛେନାପୋଡ ରାଉରକେଲା, ସୁନ୍ଦରଗଡ, ବ୍ରହ୍ମପୁର, କେଉଁଝର, ସମ୍ବଲପୁର, କୋରାପୁଟ, ରାୟଗଡା, ବାଲିଗୁଡା, ଜୋଡା, ବଡବିଲ, ଝାରସୁଗୁଡା ଓ ଭୁବନେଶ୍ୱର ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସ୍‌ରେ ଯାଉଛି। ଏଣୁ ଛେନାପୋଡ ବ୍ୟବସାୟ କୁଟୀର ଶିଳ୍ପରେ ପରିଣତ ହୋଇ ସାରିଲାଣି। ଏପଟେ ଛେନା ବ୍ୟବସାୟ ବଢୁଥିବାବେଳେ ନୟାଗଡ଼ ଜିଲାରେ ଗୋ-ସମ୍ପଦ ହ୍ରାସ ପାଉଥିଲେ ମଧ୍ୟ ପଦକ୍ଷେପ ନାହିଁ।

ଛେନା କେଜି ପିଛା ଦର ୧୫୦ରୁ ୨୦୦ ଟଙ୍କା ରହିଥିବାବେଳେ ଛେନାପୋଡ କେଜି ୧୦୦ରୁ ଆରମ୍ଭ ହୋଇ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଛେନା ଦର ଅଧିକ ଥିବାବେଳେ ପୋଡର ଦର କମ ଥିବାରୁ ଏହାର ମାନରେ ଗୁଣବତ୍ତା ରହୁନଥିବା କୁହାଯାଉଛି। ଏଭଳିସ୍ଥଳେ ନୟାଗଡ଼ ଛେନାପୋଡକୁ ଏକ ସ୍ୱତନ୍ତ୍ର ବ୍ରାଣ୍ଡ ଭାବେ ତିଆରି କରି ବ୍ୟବସାୟର ପ୍ରଚାର ଓ ପ୍ରସାର କରାଗଲେ ଏକ ନିଆରା ଖାଦ୍ୟ ରୂପେ ସାରଣୀରେ ପ୍ରତିଷ୍ଠିତ ହୋଇଯାଆନ୍ତା ବୋଲି ମତ ପ୍ରକାଶ ପାଇଛି। ସରକାର, ପ୍ରଶାସନ ଓ ବ୍ୟବସାୟୀଙ୍କ ସହଯୋଗ ମିଳିଲେ ଛେନାପୋଡର ମାନରେ ପରିବର୍ତ୍ତନ ଆସି ପାରନ୍ତା ବୋଲି କୁହାଯାଉଛି। ଅପରପକ୍ଷେ ଛେନାପୋଡର ଜନକ ବା ପ୍ରଥମେ କିଏ ତିଆରି କରିଥିଲେ ତାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିବା ବେଳେ ଗୋ-ସମ୍ପଦ ହ୍ରାସର କାରଣ ଖୋଜାଯାଉନି। ଗାଁରେ ଆଉ ଗାଈ ଗୋଠ ଦେଖିବାକୁ ମିଳୁ ନାହିଁ। ଅଣଚାଷୀମାନେ ଗୁହାଳ ସହାୟତା ପାଉଛନ୍ତି। ଜିଲାରେ ବେଆଇନ ଗୋଚାଲାଣ ବଢ଼ିଚାଲିଛି। ଏଣୁ ଛେନାପୋଡ ପାଇଁ କ୍ଷୀରର ସ୍ଥାନ କୃତ୍ରିମ ପାଉଡର ନେଉଛି। ଅନ୍ୟପକ୍ଷେ ଅଙ୍ଗାରରେ ଛେନାପୋଡ ନ ପୋଡି ଅଧିକାଂଶ ସ୍ଥାନରେ ଗ୍ୟାସରେ ପ୍ରସ୍ତୁତି ହେଉଛି।

ସରକାରୀ ଭାବେ ମିଳିଥିବା ତଥ୍ୟ ଅନୁସାରେ, ଗାଁ ଗହଳିରେ ଦେଶୀ ଗାଈ ସଂଖ୍ୟା କମିଥିବାବେଳେ ଦର୍ସି, ହଲିଷ୍ଟନ ଓ ଗିରଙ୍କ ପରି ସଙ୍କର ଜାତୀୟ ଗାଈଙ୍କ ସଂଖ୍ୟା ବଢ଼ି ଚାଲିଛି। ଅଳ୍ପ ଗାଈ ହେଲେବି ଅଧିକ କ୍ଷୀର ଦେଉଛନ୍ତି। ଏଣୁ ଛେନାପୋଡ ପାଇଁ ଛେନା ସମସ୍ୟା ନୁହେଁ, ବୋଲି ସଫେଇ ଦିଆଯାଉଛି। ସେହିଭଳି ନୟାଗଡ଼ର ଛେନାପୋଡକୁ ଜିଓ ଗ୍ରାଫିକାଲ୍ ଇଣ୍ଡିକେସନ(ଜିଆଇ) ଟ୍ୟାଗ୍ ମାନ୍ୟତା ପାଇଁ ବିଭିନ୍ନ ସମୟରେ ଦାବି ଉଠିଛି। ମାନ୍ୟତା ମିଳିଲେ ଛେନାପୋଡର ସୃଷ୍ଟି ନୟାଗଡ଼ରୁ ବୋଲି ସରକାରୀ ସ୍ୱୀକୃତି ରହିବ। ଏନେଇ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧିନରେ ଥିବା ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ ନିକଟରେ ଜିଆଇ ଟ୍ୟାଗ୍ ପ୍ରଦାନ ସମ୍ବନ୍ଧିୟ ଆବଶ୍ୟକ କାଗଜାତ ଦାଖଲ କରାଯାଇଥିଲେ ମଧ୍ୟ ଏହି ଦାବି ଶୀତଳ ଭଣ୍ଡାରରେ ପଡି ରହିଛି। ୨୦୧୭ରେ ନୟାଗଡ଼ର କେତେକ ବୁଦ୍ଧିଜୀବୀ ଛେନାପୋଡ ସମେତ ଅନ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳୁ ବୋଲି ଦାବି କରିଥିଲେ। ୨୦୨୨ ଏପ୍ରିଲ ୧୧ରେ ବିଶ୍ୱ ଛେନାପୋଡ ଦିବସ ଜିଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇ ଜିଆଇ ଟ୍ୟାଗ୍ ପାଇଁ ଦାବି ରଖାଯାଇଥିଲା। ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ଛେନାପୋଡ ଦିବସ ପାଳନ ଚାଲିଛି। ତେବେ ଛେନାପୋଡ ପ୍ରଥମେ କିଏ ତିଆରି କରିଥିଲେ ତାକୁ ନେଇ ବିବାଦ ଜିଆଇ ଟ୍ୟାଗ୍‌କୁ ପଛରେ ପକାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି।

# ଆବର୍ଜନାବୁହା ଗାଡ଼ି ଖରାପ

## ଠେଲି ଠେଲି ଡ୍ରାଇଭର ନୟାନ୍ତ



ଆବର୍ଜନାବୁହା ଗାଡିକୁ ଠେଲି ନେଉଛନ୍ତି ଡ୍ରାଇଭର।

ନୂଆଗାଁ, ୧୧।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତରୁ ଆବର୍ଜନା ବୋହିବା ପାଇଁ ଦିଆଯାଇଥିବା ଗାଡି ଶନିବାର ଅଚଳ ହୋଇଯିବାରୁ ଗାଡିକୁ ଠେଲି ଠେଲି ଆଣି ନୟାନ୍ତ ହୋଇଯାଇଛନ୍ତି ଡ୍ରାଇଭର। ସାହିସାହିରୁ ଅଳିଆ ଆବର୍ଜନା ବୋହି ଆଣି କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହରେ ଗଦା କରିବା ପାଇଁ ପ୍ରତି ପଞ୍ଚାୟତକୁ ବ୍ୟାଟେରି ଚାଳିତ ଗାଡି ଯୋଗାଇ ଦିଆଯାଇଛି । ତେବେ ଉକ୍ତ ଗାଡିଗୁଡିକ ଅନେକ ପଞ୍ଚାୟତରେ ଠିକ୍ କାମ କରୁ ନ ଥିବା ଅଭିଯୋଗ ହେଉଛି । କେଉଁଠି ଗାଡି ନ ଗଡି ମଧ୍ୟ ଅଳିଆ ବୋହିବା ବାବଦକୁ ଅର୍ଥ ହଡପ୍ କରାଯାଉଛି । ଆଉ କେଉଁ ପଞ୍ଚାୟତରେ ଗାଡି ଖତ ଖାଉଛି ତ ଆଉ କେଉଁଠି ଅଚଳ ହୋଇପଡିଛି । ତେବେ ଜାକେଡା ପଞ୍ଚାୟତରେ ଗାଡି ବୁଲି ଅଳିଆ ଆବର୍ଜନା ସଂଗ୍ରହ କରୁଛି । କିନ୍ତୁ ଶନିବାର ଆବର୍ଜନାବୁହା ଗାଡି ଅଳିଆ ସଂଗ୍ରହ କରି ବୋହିବା ପାଇଁ ଯାଇଥିବା ବେଳେ ଅଚଳ ହୋଇଯାଇଥିଲା। ଷ୍ଟାର୍ଟ ନ ହେବାରୁ ଡ୍ରାଇଭର ରବୀନ୍ଦ୍ର ମଲିକ ହଡବଡେଇ ଯାଇଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଜାକେଡା ଗ୍ରାମଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାୟ ୨ କି.ମି.ଗାଡିକୁ ଠେଲି ଆଣିଥିଲେ । ମୁଁ ଏମିତି ହଇରାଣ କେବେ ହୋଇ ନ ଥିଲି ବୋଲି ଡ୍ରାଇଭର ମଲିକ କହିଛନ୍ତି।

# ଅମୃତପିଢ଼ି ସାରସ୍ୱତ ସମାରୋହ

ଭାପୁର,୧୧।୪ (ପ୍ରଭାତ ବରାଡ)


ସାରସ୍ୱତ ସମାରୋହରେ ଯୋଗଦେଇଥିବା ଅତିଥି।

ଭାପୁର ପଞ୍ଚାୟତ ସମିତି ସଦ୍‌ଭାବନା ଗୃହରେ ଶନିବାର ମଧ୍ୟାହ୍ନରେ ଅମୃତ ପିଢ଼ି ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭାପୁର ବିଡିଓ ଶାରଦା ପ୍ରସନ୍ନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗତମାସ ୧ ତାରିଖଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ୧୪ ଦିନ ବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ ଅମୃତ ପିଢ଼ି ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି,ସାହିତ୍ୟିକ ନାରାୟଣ ଶୁକ୍ଳ ଓ ସବିତା ଶୁକ୍ଳଙ୍କ ସମେତ ୨୫ ଉର୍ଦ୍ଧ୍ୱ ସାହିତ୍ୟିକ ଯୋଗଦେଇ ନିଜର କବିତା ଆବୃତ୍ତି କରିଥିଲେ। ଛେନାପୋଡ଼ ଦିବସ ଉପଲକ୍ଷେ ପ୍ରଥମେ ଛେନାପୋଡ଼ କେକ୍ କଟାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାରା ରାଜ୍ୟରେ ଓଡ଼ିଆ ଭାଷାର ଅସ୍ମିତାକୁ ନେଇ ଗୁଞ୍ଜରଣ ସୃଷ୍ଟି କରିବା ପାଇଁ ଏହାର ପ୍ରୟାସ ବୋଲି ବିଡିଓ ପଣ୍ଡା ପ୍ରକାଶ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ପ୍ରୟାସ ଜାରି ରଖିବା ନିମନ୍ତେ ଉପସ୍ଥିତ ସାରସ୍ୱତ ସାଧକମାନେ ସାହିତ୍ୟ ଓ କବିତା ମାଧ୍ୟମରେ ସମାଜରୁ କୁସଂସ୍କାର ଦୂର କରିହେବ ବୋଲି ବରିଷ୍ଠ ଶିକ୍ଷାବିତ୍ ନାରାୟଣ ତ୍ରିପାଠୀ ବକ୍ତବ୍ୟରେ ପ୍ରକାଶ କରିବା ସହିତ ଭାପୁର ଅଞ୍ଚଳର ଉପସ୍ଥିତ କବି ମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଏହାର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସୁରେଶ ମହାରଣା ସଂଯୋଜନା କରିଥିବା ବେଳେ ଶିକ୍ଷକ ମନୋଜ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ସଭାରେ କବି ଗୁରୁ ଶ୍ରୀ ପୁରୁଷୋତ୍ତମ ନାୟକଙ୍କ ରଚିତ ସୁନ୍ଦରାକାଣ୍ଡ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପରିଶେଷରେ ଗାୟକ ନାରାୟଣ ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲା କଂଗ୍ରେସ


କଂଗ୍ରେସ ପକ୍ଷରୁ ନୟାଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦଳିତ ବିରୋଧୀ ମନ୍ତବ୍ୟର ପ୍ରତିବାଦ

ନୟାଗଡ଼, ୧୧।୪(ଲୋକନାଥ ମିଶ୍ର)

କଂଗ୍ରେସ ସଭାପତି ତଥା ଦେଶର ପ୍ରମୁଖ ଦଳିତ ନେତା ମଲ୍ଲୀକାର୍ଜୁନ ଖାର୍ଗେଙ୍କ ପ୍ରତି ଅଶାଳୀନ, ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ନୟାଗଡ଼ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ଆସାମ ଭାଜପା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ନୟାଗଡ଼ କୋର୍ଟ ଛକରେ ଶନିବାର ଦାହ କରାଯାଇଛି। ଏହି ବିକ୍ଷୋଭରେ ଜିଲା କଂଗ୍ରେସ ଉପସଭାପତି ଫକୀର ଚରଣ ମଲ୍ଲ, ସାଧାରଣ ସମ୍ପାଦକ ପୀତବାସ ଖୁଣ୍ଟିଆ, ନୟାଗଡ଼ ମ୍ୟୁନିସିପାଲିଟି କଂଗ୍ରେସ ସଭାପତି ରାଜକିଶୋର ଜେନା, ଦଳିତ କଂଗ୍ରେସ ସଭାପତି ଜିତେନ୍ଦ୍ର ଦଳେଇ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, କଂଗ୍ରେସ ନେତା ଦେବାଶିଷ ମହାପାତ୍ର, ଅନ୍ତର୍ଯ୍ୟାମୀ ସାହୁ,ସରାଫତ ଖାଁଙ୍କ ସମେତ ବହୁ ଯୁବ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ଏଟିଏମ୍ ଅଚଳକୁ ନେଇ ଅସନ୍ତୋଷ

ଖଣ୍ଡପଡା,୧୧।୪
(ଅଜୟ କୁମାର ମହାରଣା)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠରେ ଥିବା ୨ ଟି ଏଟିଏମ୍ କାଉଣ୍ଟର ଅଚଳ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ବିଭିନ୍ନ ଅଞ୍ଚଳରୁ ନୀଳମାଧବଜୀଉଙ୍କ ଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିବା ଜଣାଯାଇଛି । କଣ୍ଟିଲୋ ୟୁକୋ ବ୍ୟାଙ୍କ ପରିସରରେ ଉକ୍ତ ବ୍ୟାଙ୍କର ଏକ ଏଟିଏମ୍ କାଉଣ୍ଟର ରହିଥିବା ବେଳେ ନିକଟସ୍ଥ ଯାତ୍ରାପଦା ବଜାର ମୁଖ୍ୟ ରାଜ୍ୟ ରାଜପଥ ପାର୍ଶ୍ୱରେ ରହିଛି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅନ୍ୟ ଏକ ଏଟିଏମ୍ । ମାସର ୨ୟ ଶନିବାର ହୋଇଥିବାରୁ ସମସ୍ତ ବ୍ୟାଙ୍କ ଛୁଟି ରହିଛି। ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନେକ ଏହି ଏଟିଏମ କାଉଁଟର ଉପରେ ନିର୍ଭର କରିଥାନ୍ତି। ଏହାଛଡା ପ୍ରତ୍ୟେହ ନୀଳମାଧବ ଜୀଉଙ୍କ ଦର୍ଶନ ଲାଗି ରାଜ୍ୟ ଓ ବାହାରୁ ଶତାଧିକ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ଆବଶ୍ୟକତା ଅନୁସାରେ ଅନେକ ପର୍ଯ୍ୟଟକ ଏଟିଏମ୍ ଅଚଳ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ସ୍ଥାନୀୟ ବ୍ୟାଙ୍କର ଗ୍ରାହକମାନେ ମଧ୍ୟ ଟଙ୍କା ଉଠାଣ ପାଇଁ ଅସୁବିଧା ଭୋଗୁ ଥିବା ପରିଲକ୍ଷିତ ହୋଇଥିଲା। ଜରୁରୀକାଳୀନ ପରିସ୍ଥିତିରେ ଟଙ୍କା ଉଠାଣ ଲାଗି ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏ ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।


@ ଆୟୁଷ


@ କାର୍ତ୍ତିକ


@ ଈପ୍ସିତା


@ ସୁନନ୍ଦା


@ ଆଦର୍ଶ

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀ ଗିରି ହନୁମାନଙ୍କ ପୀଠରେ ପଣା ସଂକ୍ରାନ୍ତି ନେଇ ବ୍ୟାପକ ପ୍ରସ୍ତୁତି

ଖଣ୍ଡପଡା,୧୧।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ପ୍ରଭୁ ଶ୍ରୀ ଗିରି ହନୁମାନଙ୍କ ପୀଠରେ ଆସନ୍ତା ୧୨ ତାରିଖରୁ ୩ ଦିନ ବ୍ୟାପୀ ୨୭ ତମ ପଞ୍ଚ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ଗିରିହନୁମାନ ପୀଠରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଜଣାଇଛନ୍ତି। ରବିବାର କୁସୁମୀ ନଦୀଘାଟରୁ କଳସ ଶୋଭାଯାତ୍ରା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡିଛି। ମଙ୍ଗଳବାର ଅପରାହ୍ନରେ ପଞ୍ଚ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ସହ ପଣା ସଂକ୍ରାନ୍ତି ଯାତ୍ରା ଶେଷ ହେବ ବୋଲି ଆୟୋଜକମାନଙ୍କ ସୂତ୍ରରୁ ଜଣାପଡିଛି।

# ଗର୍ଜନୀକୁ ହରାଇ ଆର୍‌ଏଏ, ଓଡ଼ଗାଁ ସେମିଫାଇନାଲରେ

## ଓଡ଼ଗାଁ ଅଣ୍ଡର ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ

ଓଡ଼ଗାଁ, ୧୧।୪(ନାରାୟଣ ପାଣିଗ୍ରାହୀ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ତଥା ଓଡ଼ଗାଁ ଅଞ୍ଚଳରେ ଖେଳ ମଣିଷ ଭାବରେ ପରିଚିତ ଦିବାକର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ଆୟୋଜିତ ଅଣ୍ଡର ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ଦିନରେ ରଘୁନାଥ ଆଥଲେଟିକ ଆସୋସିଏଶନ ଓଡ଼ଗାଁ ସହିତ ଗର୍ଜନୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଓଡ଼ଗାଁ ଆଥଲେଟିକ ଆସୋସିଏଶନ ପ୍ରଥମେ ଟସ୍ ଜିତିଥିଲେ ମଧ୍ୟ ଗର୍ଜନୀ ଦଳକୁ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲା। ଗର୍ଜନୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୯ ରନ ସଂଗ୍ରହ କରିଥିଲା ବେଳେ ଏହାର ଜବାବରେ ରଘୁନାଥ ଆଥଲେଟିକ ଆସୋସିଏଶନ ୭.୪ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ୯୩ ରନ ସଂଗ୍ରହ କରି ୮ ଉଇକେଟରେ ବିଜୟୀ ଘୋଷିତ ହୋଇଥିଲେ। ବିଜୟୀ ଦଳର ଶୁଭ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରବିବାର ପ୍ରଥମ ସେମି ଫାଇନାଲ ବାଙ୍କତରା ଦଳ ସହିତ ରଘୁନାଥ ଆଥଲେଟିକ ଆସୋସିଏଶନ, ଓଡ଼ଗାଁ ମଧ୍ୟରେ ଅନୁଷ୍ଠିତ ହେବ। ଆଜିର ମ୍ୟାଚକୁ ତୁଷାର, ରାଜଶେଖର, ତୋଫାନ, ବିକାଶ, ଲିଟି, ସାଇ, ସୌମ୍ୟରଞ୍ଜନ, ବଶ୍ୱଜିତ,କିଷାନ, ରାମେଶ୍ୱର, ସୁନୀଲ ଓ ଆରିୟାନ ପରିଚାଳନା କରିଥିଲେ।


ଅତିଥିଙ୍କ ସହ ଦୁଇ ଦଳର ଖେଳାଳି ।

# ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ସମାବେଶ

ଖଣ୍ଡପଡ଼ା, ୧୧।୪
(ଅଜୟ କୁମାର ମହାରଣା)


ସମାବେଶରେ ଯୋଗଦେଇଥିବା କର୍ମୀମାନେ।

ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ପକ୍ଷରୁ ନିଶାମୁକ୍ତ ସମାଜ ଗଠନ ନେଇ ଏକ ସଂକଳ୍ପ ସମାବେଶ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଗ୍ରାମର ପଞ୍ଚଦୋଳ ମେଳଣ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ଆବାହକ ତଥା ରାଜ୍ୟ ଯୁବମୋର୍ଚ୍ଚା ଭାଜପା ସଭାପତି ଅଭିଲାଷ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସମାବେଶରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୪୨ ପଞ୍ଚାୟତରୁ ୨ ହଜାରରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ଯୁବଶକ୍ତି ପରିଷଦ ସଭାପତି ଡା. ଶୁଭେନ୍ଦୁ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ସିନେ ତାରକା ବବି ମିଶ୍ର, ଆରଏସଏସର ଓଡ଼ିଶା ପୂର୍ବପ୍ରାନ୍ତ ସହ କାର୍ଯ୍ୟବାହକ ସୁଦର୍ଶନ ଦାସ, ବିଭାଗ ପ୍ରଚାରକ ଶିବାଜୀ ଭାଇ, ନୟାଗଡ଼ ଜିଲା ପ୍ରଚାରକ ସୁମନ୍ତ ଭାଇ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ସମାବେଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ସେହିପରି ରାଷ୍ଟ୍ରବାଦୀ ଭାବଧାରାରେ ଯୁବକମାନଙ୍କୁ ଉଦ୍ରେକ କରି ସଂଗଠିତ କରିବା ସହ ସେମାନଙ୍କ ମଧ୍ୟରେ ଦେଶପ୍ରେମ ଭାବ ଜାଗ୍ରତ କରିବା,ସାମାଜିକ କଲ୍ୟାଣ କାର୍ଯ୍ୟ ଓ ରାଷ୍ଟ୍ର ନିର୍ମାଣରେ ଯୁବବର୍ଗଙ୍କ ସକ୍ରିୟ ସହଯୋଗ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ। ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେଥିପ୍ରତି ଯୁବକମାନେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏ ଅବସରରେ ସାମୁହିକ ହନୁମାନ ଚାଳିଶା ପଠନ ସହ ହିନ୍ଦୁ ପର୍ବ ପର୍ବାଣିରେ ନିଶାଦ୍ରବ୍ୟ ସଂପୂର୍ଣ୍ଣ ବର୍ଜନ ନେଇ ସମସ୍ତେ ସଂକଳ୍ପ ନେଇଥିଲେ। ସଂକଳ୍ପ ସମାବେଶରେ ଖବରଦାତା ଭରତ କୁମାର ବେହେରା,ସଂଗଠକ ଜିତେନ୍ଦ୍ର କୁମାର କାଟିଆ,ସୁରେଶ ନାୟକ,ପରମେଶ୍ୱର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ କାର୍ଯ୍ୟଧାରା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ।

